# ୬ ଚୋରି ବାଇକ୍ ଜବତ, ଜଣେ ଗିରଫ

ସୋର, ୩୦।୧(ସମିସ)




ସୋର ପୁଲିସ ପକ୍ଷରୁ ବାରିକପୁର ହାଟ ନିକଟରେ ଚଢ଼ଉ କରାଯାଇ ୬ଟି ଚୋରା ବାଇକ୍ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ଗତକାଲି ରାତିରେ ସୋର ପୁଲିସ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବାରିକପୁର ହାଟ ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ କୌଣସି ସୂତ୍ରରୁ ଖବରପାଇ ପୁଲିସ ହାଟ ନିକଟରେ ଚଢ଼ଉ କରିଥିଲେ। ଚଢ଼ଉବେଳେ ପୁଲିସ ଗାଡ଼ିକୁ ଦେଖି ଦୁଇ ଅଭିଯୁକ୍ତ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ପୁଲିସ ପୁରୁଣା ବାଲେଶ୍ୱର ଗ୍ରାମର ବିଶ୍ୱନାଥ ସାହୁ (୨୦) କୁ ପୁଲିସ ଧରିବାକୁ ସକ୍ଷମ ହୋଇଥିଲା। ପରେ ତାକୁ ଥାନାକୁ ଆଣି ପଚରାଉଚରା କରିବା ପରେ ପୁଲିସ ତା' ନିକଟରୁ ୬ ଟି ଚୋରି ବାଇକ୍‌କୁ ଜବତ କରିଥିଲା। ଏ ବାବଦରେ ଆଜି ପୁଲିସ ଥାନାରେ ୯୨/୨୬ ରେ ଏକ ମାମଲା ରୁଜୁ କରି ତାକୁ ଗିରଫ କରିଥିଲେ। ଅପରାହ୍ଣରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଧରାଯିବ ବୋଲି ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର ସୂଚନା ଦେଇଛନ୍ତି।

# ଜୀବନ ହାରିଲେ ନବବଧୂ; ସ୍ୱାମୀ ଗିରଫ

**ସିମୁଳିଆ, ୩୦।୧(ସମିସ):** ଯୌତୁକ ପାଇଁ ଜଣେ ନବବଧୂର ଜୀବନ ଚାଲିଯାଇଥିବା ନେଇ ସିମୁଳିଆ ଥାନାରେ ଅଭିଯୋଗ ହୋଇଛି। ବାରମ୍ବାର ଯୌତୁକ ଦାବି ନେଇ ଶଶୁର ଘର ଲୋକେ ନିର୍ଯାତନା ଦେବାରୁ ଝିଅ ବିଷ ପିଇ ଆତ୍ମହତ୍ୟା କରିଥିବା ମୃତା କନ୍ୟାର ବାପା ସିମୁଳିଆ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି ପୁଲିସ। ସିମୁଳିଆ ଥାନା ଅନ୍ତର୍ଗତ ବାଟି ପଞ୍ଚାୟତର ମୁରଲୀଧର ଗୋଛାୟତ ସିମୁଳିଆ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ସାନ ଝିଅ ପୂଜାରାଣୀ ୨୦୨୪ରେ ସେହି ଥାନା ଅଞ୍ଚଳର ଅଣ୍ଡରାଇ ପଞ୍ଚାୟତର ଗଙ୍ଗାଧର ଗୋଛାୟତଙ୍କ ପୁଅ ଚନ୍ଦନ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିବା ସହ ଶେଷରେ ଦୁହେଁ ଉଭୟଙ୍କ ପରିବାର ସ୍ୱୀକୃତିରେ ବିବାହ ହୋଇଥିଲେ। କିଛି ଦିନ ଭଲରେ କଟିବା ପରେ ଶଶୁର ଘର ପରିବାର ଲୋକେ ଝିଅକୁ ଯୌତୁକ ଓ ଆସବାବପତ୍ର ଆଣିବାକୁ ବାଧ କରିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ମାତ୍ର ମଙ୍ଗଳବାର ଦିନ ଝିଅ ପୂଜାରାଣୀକୁ ପ୍ରଥମେ ଜାମ୍ବୁଝାଡ଼ି, ମାର୍କୋଣା ଓ ଭଦ୍ରକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାକୁ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଝିଅକୁ ଘାସ ବିଷ ପିଆଇ ସ୍ୱାମୀ, ନଣନ୍ଦ, ଶାଶୁ ଓ ଶଶୁର ଘର ପରିବାର ଲୋକ ମାରି ଦେଇଥିବା ବାପା ଅଭିଯୋଗ ଆଣିବା ପରେ ସିମୁଳିଆ ପୁଲିସ ୩୫/୨୬ଏକ ମାମଲା ରୁଜୁ କରି ସ୍ୱାମୀ ଚନ୍ଦନକୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ ସୂତ୍ରରୁ ପ୍ରକାଶ।

# ପ୍ରଧାନଶିକ୍ଷକଙ୍କ ବଦଳି ଦାବିରେ ଅଭିଭାବକଙ୍କ ଧାରଣା

**ଖଇରା, ୩୦।୧(ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଗଡ଼ପୋଖରୀ ପଞ୍ଚାୟତ ଅଧୀନ ସିମୁଳିଆସ୍ଥିତ ମା' ଅମ୍ବିକା ରେକାରୀ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟରତ ପ୍ରଧାନଶିକ୍ଷକ ୩ବର୍ଷ ଧରି ବିଦ୍ୟାଳୟରେ କାର୍ଯ୍ୟ କରିଆସୁଛନ୍ତି। ହେଲେ ରହିବା ଦିନଠାରୁ ପିଲା ଓ ଅଭିଭାବକମାନଙ୍କୁ ଦୁର୍ବ୍ୟବହାର କରିବା ପ୍ରତିବାଦରେ ଶୁକ୍ରବାର ଅଭିଭାବକମାନେ ବିଦ୍ୟାଳୟ ଗେଟ୍‌ରେ ତାଲା ଦେଇ ଗଣଧାରଣରେ ବସିବା ସହ ପ୍ରଧାନଶିକ୍ଷକଙ୍କ ବଦଳି ଦାବି କରିଥିଲେ। ସିଆର୍‌ସିସି ଦାମୋଦର ମହାନ୍ତି ଧାରଣାସ୍ଥଳକୁ ଯାଇ ଅଭିଭାବକଙ୍କ ସହ ଆଲୋଚନା କରିବା ପରେ ସେମାନେ ଧାରଣାରୁ ଉଠିଥିଲେ। ଏଥିସହ ବିଦ୍ୟାଳୟରେ ଦୁର୍ନୀତି ଚାଲିଥିବା ନେଇ ମଧ୍ୟ ଅଭିଭାବକମାନେ ଅଭିଯୋଗ କରିଥିଲେ।

# ଗାଁ କଲ୍ୟାଣ ସମିତି ପକ୍ଷରୁ କୁଷ୍ଠ ସଚେତନତା ଅଭିଯାନ

**ଚନ୍ଦନେଶ୍ୱର, ୩୦।୧(ସମିସ):** ଭୋଗରାଇର ଅନ୍ୟତମ ସୀମାନ୍ତ ତଥା ଉପାନ୍ତ ସାହାବାଜିପୁର ପଞ୍ଚାୟତର ଭଟ୍ଟପୁର ଗାଁ କଲ୍ୟାଣ ସମିତି ପକ୍ଷରୁ 'ସ୍ପର୍ଶ' କୁଷ୍ଠ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଭଟ୍ଟପୁର ଗାଁ ମଝିରେ ଥିବା ଭାଗବତ ଟୁଙ୍ଗୀରେ ଏ ନେଇ ଆୟୋଜିତ ଅଭିଯାନକୁ ୱାର୍ଡସଭ୍ୟ ସଞ୍ଜୟ କୁମାର ସେନାପତି ପୌରୋହିତ୍ୟ କରିଥିଲେ। ଅଙ୍ଗନବାଡ଼ି କର୍ମୀ ସରସ୍ୱତୀ କର ଯୋଗଦେଇ କୁଷ୍ଠ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ସାଧ୍ୟ, ଏଥିପାଇଁ ସରକାର ମାଗଣା ଚିକିତ୍ସା ଯୋଗାଇ ଦେଉଛନ୍ତି ବୋଲି କହିଥିଲେ। ଅବସରପ୍ରାପ୍ତ ଶିକ୍ଷକ ତଥା ସମିତିର ବରିଷ୍ଠ ସଦସ୍ୟ ଲକ୍ଷ୍ମୀକାନ୍ତ ଧଡ଼ା ଯୋଗଦେଇ କୁଷ୍ଠର ପ୍ରାଥମିକ ଲକ୍ଷଣ ସମ୍ପର୍କରେ କହିବା ସହ ଏହାକୁ ଘୃଣା ନକରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତର ସମିତି ସଦସ୍ୟ ତରଣୀକାନ୍ତ ସେନାପତି, ସଂଘର ସଦସ୍ୟ ହରିଶ ଚନ୍ଦ୍ର ପରିଡ଼ା, ରାଧାକାନ୍ତ ପ୍ରଧାନ, ତ୍ରିଲୋଚନ ପରିଡ଼ା, ବିମଳ ସେନାପତି, ରାଧାକୃଷ୍ଣ ପରିଡ଼ା ପ୍ରମୁଖ ଯୋଗଦେଇ ଗାଁ କଲ୍ୟାଣ ସମିତିର ଆଗାମୀ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଆସନ୍ତା ଫେବୃଆରୀ ୧୦ ତାରିଖରେ ଗାଁରେ ଏକ କିଶୋରୀ ମେଳା ମଧ୍ୟ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଆଶାକର୍ମୀ ସନ୍ଧ୍ୟାରାଣୀ ପାତ୍ର ଧନ୍ୟବାଦ ଦେଇଥିଲେ। ଶେଷରେ ସମସ୍ତେ ଶପଥ ପାଠ କରିଥିଲେ।



# ବଡ଼ଖୁରୀ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର 'ପିଏମ୍‌ଶ୍ରୀ ଉତ୍ସବ'

**ସୋର, ୩୦।୧(ସମିସ):** ସୋର ପୌରପାଳିକା ଅନ୍ତର୍ଗତ ବଡ଼ଖୁରୀସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ପିଏମ୍‌ଶ୍ରୀ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବନଜ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ସୋର ଗୋଷ୍ଠୀ ଶିକ୍ଷାଅଧିକାରିଣୀ ସୋମାରାଣୀ ସେଠୀ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୋମନାଥ ଦାସ, ନିରଞ୍ଜନ ରାଉଳ, ଜିଲ୍ଲା ସହଯୋଗ ଅଧିକାରୀ ତପନ ମହାନ୍ତି, ସୁଜିତ କୁମାର ପାତ୍ର, ସମାଜସେବୀ ସରୋଜ କୁମାର ପଣ୍ଡା, ସ୍କୁଲ ପରିଚାଳନା କମିଟିର ସଭାପତି ସାବିତ୍ରୀ ପାତ୍ର ଓ ବଡ଼ଖୁରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ଉପାଧ୍ୟାୟ ଉପସ୍ଥିତ ରହି ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିକଶିତ ଓଡ଼ିଶା ୨୦୩୬, ଟ୍ୟାଲେଣ୍ଟ ଗ୍ୟାଲେରୀ ଓ ଦୋକାନ ବଜାରକୁ ନେଇ ବିଭିନ୍ନ ଷ୍ଟଲରେ ଛାତ୍ରଛାତ୍ରୀ ପ୍ରତିଭା ପ୍ରଦର୍ଶନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ଗଜେନ୍ଦ୍ର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ, ରମେଶ ଚନ୍ଦ୍ର ମହାପାତ୍ର ବେଦ ପାଠ ଓ ଇମରାନ ଅଲ୍ଲୀ ସାହା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରଧାନ ଶିକ୍ଷକ ଶ୍ରୀ ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ। ସୋର ବିଧାୟକ ମାଧବ ଧଡ଼ା, ଡାକ୍ତର ମୃତ୍ୟୁଞ୍ଜୟ ପଟ୍ଟନାୟକ, ସରୋଜ କୁମାର ପଣ୍ଡା, ସାବିତ୍ରୀ ପାତ୍ର, ସିଆର୍‌ସିସି ରବିନାରାୟଣ ଦାସ ଯୋଗଦେଇଥିଲେ। ଶିକ୍ଷକ ଲକ୍ଷ୍ମୀଧର ସାହୁ, ପ୍ରାକ୍ତନ ଶିକ୍ଷକ ଅନନ୍ତ କୁମାର ପାଢ଼ୀ, ଶିକ୍ଷୟିତ୍ରୀ ଏସ୍ ସ୍ମୃତିପ୍ରଜ୍ଞା, ମିତାଞ୍ଜଳି ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ସ୍କୁଲ ପରିଚାଳନା କମିଟି, ଆଲୁମିନି କମିଟିର ସଦସ୍ୟ ଓ ପ୍ରାକ୍ତନ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।




● ଖପରାପଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

# ସକାରାତ୍ମକ ଚିନ୍ତା ଶିଶୁଙ୍କ ବିକାଶରେ ସହାୟ ହୋଇଥାଏ

**କାଳିପଦା, ୩୦।୧(ସମିସ):** ବୟସ୍କ ଲୋକମାନଙ୍କ ସକାରାତ୍ମକ ଚିନ୍ତାଧାରା ଦ୍ୱାରା ଶିଶୁମାନଙ୍କର ବୌଦ୍ଧିକ ବିକାଶ ଆଗକୁ ଯାଏ, ସକାରାତ୍ମକ ଚିନ୍ତା ଶିଶୁଙ୍କ ବିକାଶରେ ସହାୟ ହୋଇଥାଏ। ସେମାନଙ୍କ ଭିତରେ ଥିବା ସୃଜନ ଶକ୍ତି ମଧ୍ୟ ଆଗକୁ ଯାଏ ବୋଲି ଶନିବାର ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଖପରାପଦାସ୍ଥିତ କ୍ଷୀରୋଦା ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନବମ ବାର୍ଷିକ ଉତ୍ସବରେ ଅତିଥି ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଶିଶୁମନ୍ଦିରର ସଭାପତି ଅମୂଲ୍ୟ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟ ଅତିଥି, ପୂର୍ବୋତ୍ତର ସମ୍ଭାଗ ବିଦ୍ୱାନ ପରିଷଦ ସଭାପତି ଶରତ କୁମାର ମଲ୍ଲିକ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବେ ଶିକ୍ଷା ବିକାଶ ସମିତି ଭୋଗରାଇ ସଂକୁଳ ପ୍ରମୁଖ ଶରତ କୁମାର ପରିଡ଼ା, ଶିଶୁମନ୍ଦିର ପ୍ରାଣ ପ୍ରତିଷ୍ଠାତା ମାନସ କୁମାର ବେହେରା ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, ପ୍ରଧାନ ଆଚାର୍ଯ୍ୟା ଅଞ୍ଜନା ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଗୁରୁମା କୃଷ୍ଣା ସୁର, ବିଦ୍ୟୁତ ପ୍ରଭା ଦେ, ଚିନ୍ମୟୀ କର, ଝୁନା ରାଣୀ ଦାସ, ରାଜେଶ ଦେ, ସୁକାନ୍ତ ପ୍ରଧାନ, ଅନ୍ନପୂର୍ଣ୍ଣା ବିଶ୍ୱାଳ, ବିଷ୍ଣୁ ପ୍ରିୟା କୁହ୍ଲାରୀ, କିଞ୍ଜନ କୁମାର ଜେନା, ସ୍ନେହଲତା ଦେ, ପରିଚାଳନା କମିଟିର ବଂଶୀଧର ସାହୁ, ସଚ୍ଚିଦାନନ୍ଦ ଜେନା, ଶୟନ ମହାନ୍ତି, ଶୁଚିସ୍ମିତା ଗିରି, ମୀନାରାଣୀ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ଖଇରା ମହାବିଦ୍ୟାଳୟର ବାର୍ଷିକୋତ୍ସବ



**ଖଇରା, ୩୦।୧(ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ମହାବିଦ୍ୟାଳୟର ୪୬ତମ ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ବିଶିଷ୍ଟ ଲେଖକ, କଥାକାର ଡ. ବିଶ୍ୱରଞ୍ଜନ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ବର୍ତ୍ତମାନ ସମାଜରେ ଲେଖକ, ସାମ୍ବାଦିକ, କବିଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି। ଯେଉଁଥିପାଇଁ ସେମାନଙ୍କୁ ଉଚିତ ସମ୍ମାନ ମିଳୁନାହିଁ। ଏଣୁ ସୃଜନଶୀଳତା ପାଇଁ ଅଧ୍ୟୟନ ଓ ଅଧ୍ୟବସାୟ ଏକାନ୍ତ ଜରୁରୀ ବୋଲି ପ୍ରକାଶ କରିଥିଲେ। ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ପ୍ରାକ୍ତନ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି, ସମିତିସଭ୍ୟା ନର୍ମଦା ଦେଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂସଦର ଉପଦେଷ୍ଟା ଜ୍ୟୋତ୍ସ୍ନାରାଣୀ ପଣ୍ଡା ଅତିଥି ପରିଚୟ, ଅନ୍ୟତମ ଉପଦେଷ୍ଟା ବନମାଳୀ ବାରିକ ବିବରଣୀ ପାଠ ଓ ସହ-ଉପଦେଷ୍ଟା ଡ. ହରପ୍ରିୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିଙ୍କ ଦ୍ୱାରା ମୁଖପତ୍ର 'ସୁପ୍ରୀତି' ଉନ୍ମୋଚନ ପରେ ବିଭିନ୍ନ ବର୍ଗରେ ଚାମ୍ପିଅନ ହୋଇଥିବା ଆଶିଷ ନାୟକ, ନିରୁପମା ବିଶ୍ୱାଳ, ରାଜେନ୍ଦ୍ର ଶଙ୍ଖୁଆ, ତପସ୍ୱିନୀ ରାଉତଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଆମ୍ବିଳିଅଠା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

**ଜଳେଶ୍ୱର, ୩୦।୧(ସମିସ):** ଆମ୍ବିଳିଅଠା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏବିଇଓ ଜ୍ୟୋତ୍ସ୍ନାରାଣୀ ପ୍ରଧାନ ଯୋଗଦେଇ ସାମ୍ପ୍ରତିକ ସମାଜରେ ଛାତ୍ରଛାତ୍ରୀ ସଂସ୍କାରୀ ହେବାକୁ ଆହ୍ୱାନ ଜଣାଇଥିଲେ। ମୁଖ୍ୟ ବକ୍ତାଭାବେ ବରିଷ୍ଠ ନେତା ବ୍ରଜମୋହନ ପ୍ରଧାନ ଯୋଗଦେଇ ଶିଶୁର ସାମଗ୍ରୀକ ବିକାଶ ଲାଗି ସ୍କୁଲ ଶିକ୍ଷା ସହିତ ପିତାମାତାଙ୍କ ପ୍ରଚେଷ୍ଟା ଜାରି ରହିବା ଉଚିତ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଷ୍ଟାର ଜଳେଶ୍ୱର ସଭାପତି ସୁକୁମାର ମିଶ୍ର, ଜଳେଶ୍ୱର ପୌରପାଳିକ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ, ସିଆର୍‌ସିସି ମହେନ୍ଦ୍ର କୁମାର ପାତ୍ର ପ୍ରମୁଖ ଯୋଗଦେଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମାନଙ୍କରେ ଶିଶୁ ମାନଙ୍କୁ ଶିକ୍ଷାଦାନ ସହିତ ଚରିତ୍ର ଗଠନରେ ଧ୍ୟାନଦେବା ଓ ରାଷ୍ଟ୍ରବାଦୀ ହେବାକୁ ପ୍ରଚେଷ୍ଟା କରାଯାଇଥାଏ ବୋଲି କହିଥିଲେ। ପ୍ରଧାନ ଗୁରୁମା ଜ୍ୟୋତ୍ସ୍ନାରାଣୀ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଛାତ୍ରୀ ଦେବସ୍ମିତା ଦାସ ମଞ୍ଚ ଆହ୍ୱାନ କରିଥିଲେ। ଶିକ୍ଷକ ପଞ୍ଚାନନ କୁଅଁର ବିବରଣୀ ପାଠ ଓ ବିଦ୍ୟାଳୟର ସଭାପତି ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୌରାଙ୍ଗ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାକ୍ତନ ଶିକ୍ଷକ ମାଖନଲାଲ ବେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ ମଞ୍ଚସ୍ଥ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଗୁରୁଜୀ, ଗୁରୁମା ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।




# ଏନ୍‌ଏସି ବାପୁ ନୋଡାଲ୍ ଓ ଏନ୍‌ଏସି ଉଚ୍ଚ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା

**ସୋର, ୩୦।୧(ସମିସ):** ସୋର ପୌର ପାଳିକା ଅନ୍ତର୍ଗତ ଏନ୍‌ଏସି ବାପୁ ନୋଡାଲ୍ ଓ ଏନ୍‌ଏସି ଉଚ୍ଚ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ସୋମନାଥ ଦାସ ଯୋଗଦେଇ ପିଲାମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ ନିମନ୍ତେ ଦିଗ୍‌ଦର୍ଶନ ଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଶିକ୍ଷକ ସଂଘ ସମ୍ପାଦକ ରମାକାନ୍ତ ମହାନ୍ତି ଓ ଶିକ୍ଷକ ସଂଘ ସଭାପତି ମହେଶ୍ୱର ବେହେରା ଯୋଗଦେଇଥିଲେ। ଆଞ୍ଚଳିକ ସାଧନ ସଂଯୋଜକ ରବି ନାରାୟଣ ଦାସ, ଏନ୍‌ଏସି ବାପୁ ନୋଡାଲର ପ୍ରଧାନ ଶିକ୍ଷକ ଅରଫାନ୍ ଅଲ୍ଲି ସାହା, ଓଷ୍ଟା ସୋର ବ୍ଲକ ସଭାପତି ରାମଚନ୍ଦ୍ର ପୃଷ୍ଟି ଓ ସମ୍ପାଦକ ବଳରାମ ସ ଉପସ୍ଥିତ ଥିଲେ। ଏନ୍‌ଏସି ବାପୁ ନୋଡାଲର ପରିଚାଳନା କମିଟି ସ୍ଥାୟୀ ସଭାପତି କୌସ୍ତୁଭ କୁମାର ନାୟକ ଯୋଗ ଦେଇଥିବାବେଳେ ନିରଞ୍ଜନ ପଣ୍ଡା ଅତିଥି ପରିଚୟ ଓ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁନିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଗଙ୍ଗାଧର ସାଇଁ, ପ୍ରେମସାଇ ମହାରଣା, ଗଙ୍ଗାଧର ଜେନା, ଅଶୋକ ମହାନ୍ତି, ଧନେଶ୍ୱର ପତି, ସୁରେନ୍ଦ୍ର ବାରିକ୍ ଓ ଶିକ୍ଷୟିତ୍ରୀ ବାସନ୍ତୀ ସାହୁ, ଜ୍ୟୋତ୍ସ୍ନାରାଣୀ ପଣ୍ଡା, ରଶ୍ମିଲତା ରାଉତ, କନିଜ୍ ଅଖତରୀ, କୌଶଲ୍ୟା ପଲେଇ, ଝରଣା ବାରିକ, ସସ୍ମିତା ଧଳ, କଳ୍ପନା ମହାନ୍ତି ତଥା ପରିଚାଳନା କମିଟିର ସଦସ୍ୟ ସଦସ୍ୟା ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗଦେଇଥିଲେ।




# ୩ ଶହ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବାଣ୍ଟିଲେ ସରପଞ୍ଚ



**ଚନ୍ଦନେଶ୍ୱର, ୩୦।୧(ସମିସ):** ଭୋଗରାଇର ସାହାବାଜିପୁର ପଞ୍ଚାୟତର ସରପଞ୍ଚ ଅରୁଣ କୁମାର ଗିରି ୩ ଶହ ଅସହାୟ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରିଛନ୍ତି। ଜଣେ ଦରଦୀ, ଲୋକପ୍ରିୟ ଏବଂ ପରୋପକାରୀ ମଣିଷ ଭାବେ ଶ୍ରୀ ଗିରି ସଭିଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ତାଙ୍କ ଭଳି ବ୍ୟକ୍ତି ବାରମ୍ବାର ସୁଖ ଦୁଃଖରେ ସାମିଲ ହେବେ ବୋଲି ପଞ୍ଚାୟତବାସୀ ପ୍ରକାଶ କରନ୍ତି। ୨୦୧୭ରେ ଭୋଗରାଇ ନିର୍ବାଚନ ମଣ୍ଡଳୀ ୩୨ରୁ ୫୦ପଞ୍ଚାୟତ ବିଶିଷ୍ଟ ହେଲା। ଏହି ଅବସରରେ ସାହାବାଜିପୁର ଏକ ନୂତନ ପଞ୍ଚାୟତର ମାନ୍ୟତା ମଧ୍ୟ ପାଇଲା। ନୂତନ ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇ ଥିଲେ ଶ୍ରୀ ଗିରିଙ୍କ ଧର୍ମପତ୍ନୀ ଗୀତାଞ୍ଜଳି ଗିରି। ପରେ ୨୦୨୨ ପଞ୍ଚାୟତ ନିର୍ବାଚନଠାରୁ ଅରୁଣ ସରପଞ୍ଚ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ତାଙ୍କ ବ୍ୟକ୍ତିଗତ ସହାୟତାରେ ପଞ୍ଚାୟତ ଅଧୀନ ସାହାବାଜିପୁର, ଉଦୟପୁର, ସାହାପୁର, ଗମ୍ଭରିଆ, ଭଟ୍ଟପୁର ଆଦି ଗାଁର ମୋଟ ୧୨ଟି ୱାର୍ଡର ୩ଶହ ଲୋକଙ୍କୁ ଏହି ଶୀତବସ୍ତ୍ର ପ୍ରଦାନ କରାଯାଉଥିବା ସରପଞ୍ଚ ଶ୍ରୀ ଗିରି କହନ୍ତି। ପ୍ରତି ଗାଁର ବୃଦ୍ଧ, ବୃଦ୍ଧାଙ୍କ ପାଖକୁ ଯାଇ ଏହି ବସ୍ତ୍ର ପ୍ରଦାନ କରୁଛନ୍ତି। ଏଥିରେ ସୁବଳ ଚନ୍ଦ୍ର ସେନାପତି, ସୁକଦେବ ସେନାପତି, ବାଦଲ ଚନ୍ଦ୍ର ଜେନା, ସୁବାସ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ମାକିଡ଼ିଆରେ ହିନ୍ଦୁ ସମ୍ମିଳନୀ

**ଜଳେଶ୍ୱର ବ୍ଲକ, ୩୦।୧(ସମିସ):** ଶୁକ୍ରବାର ସକାଳେ ମାକିଡ଼ିଆ ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସମଗ୍ର ହିନ୍ଦୁ ସମାଜ ତରଫରୁ 'ହିନ୍ଦୁ ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। ସକାଳ ୧୧ ଘଟିକା ସମୟରେ ଗ୍ରାମବାସୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନ କରାଯାଇଥିଲା। ସାଢ଼େ ୧୧ଟାରେ ଚନ୍ଦନ କୁମାର ସାହୁଙ୍କ ଦ୍ୱାରା ଶ୍ରୀମଦ୍ ଭଗବତ ଗୀତା ପାଠ, ୧୨ଟା ୧୫ରେ ନିଶିକାନ୍ତ ଘୋଷଙ୍କ ଦ୍ୱାରା ମଞ୍ଚ ଆହ୍ୱାନ କରାଯାଇଥିଲା। ନିତ୍ୟାନନ୍ଦ ସେନାପତି, ପୂର୍ବତନ ଜିଲ୍ଲା କଲ୍ୟାଣ ମଙ୍ଗଳ ଅଧିକାରୀ, ମୁଖ୍ୟବକ୍ତା ଅଧ୍ୟାପକ ଗୌରୀ ପ୍ରସାଦ ରଥ, ବିଶ୍ୱହିନ୍ଦୁ ପରିଷଦର କ୍ଷେତ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ, ବିଶ୍ୱହିନ୍ଦୁ ପରିଷଦ, ମୁଖ୍ୟ ଅତିଥି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବାଲେଶ୍ୱର ଜିଲ୍ଲା ସଂଘ ଚାଳକ ଶୁଭ୍ରାଂଶୁ ଶେଖର ଦାସ ମହାପାତ୍ର ଯୋଗ ଦେଇଥିଲେ। ଭବାନୀ ଦାସ, ମନ୍ମଥ ଦାସ, ସୁଧାଂଶୁ ଦାସ, ବିବେକାନନ୍ଦ ଦାସ, ନିମାଇଁ ଘୋଷ, ଗୌରୀଚରଣ ଘୋଷ, ରାଧାକାନ୍ତ ଘୋଷ, ସଞ୍ଜୟ ଘୋଷ ଗୌତମ ଘୋଷ, ପତିତପାବନ ଘୋଷ, ସମୀର ଘଡ଼େଇ, ରବିକାନ୍ତ ପାତ୍ର, କୁମାର ସତ୍ୟଜିତ ବେଜ, ରାଧାଗୋବିନ୍ଦ କୁଇଲା, ହରିହର ଘୋଷଙ୍କ ସମେତ ମାକିଡ଼ିଆ, କୁଆଁରପୁର ଓ ଗୋପାଳ ପ୍ରସାଦ ଗ୍ରାମବାସୀ ବୃନ୍ଦ ସହଯୋଗ କରିଥିଲେ। ତିନୋଟି ଗ୍ରାମର ସମସ୍ତ ଗ୍ରାମବାସୀ ପ୍ରସାଦ ସେବନ କରିଥିଲେ।

# ସାରସ୍ୱତ ମହାବିଦ୍ୟାଳୟର ବାର୍ଷିକୋତ୍ସବ

**ଭୁବନେଶ୍ୱର, ୩୦।୧(ସମିସ):** ସୋର ବ୍ଲକ ଅନ୍ତର୍ଗତ ଅନନ୍ତପୁର ସାରସ୍ୱତ ମହାବିଦ୍ୟାଳୟର ୪୮ତମ ବାର୍ଷିକ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଡମ୍ବରୁଧର ଭୋଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ବାଲେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ, ଉପ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ମିଶ୍ର ଏବଂ ମୁଖ୍ୟ ବକ୍ତା ଭାବରେ ସ୍ୱାମୀ ମୁକୁନ୍ଦକୃଷ୍ଣ ଜୀ ମହାରାଜ ଯୋଗ ଦେଇଥିଲେ। ନାଟ୍ୟ ସାଂସ୍କୃତିକ ଉପଦେଷ୍ଟା ଭାବରେ ଇଂରାଜୀ ବିଭାଗର ମୁଖ୍ୟ ଗୌରାଙ୍ଗ ଚନ୍ଦ୍ର ଦାସ ଏବଂ ପ୍ରଶାସନିକ ଅଧିକାରୀ ଭାବରେ ସଂସ୍କୃତ ବିଭାଗର ମୁଖ୍ୟ ଅଜୟ କୁମାର ପରିଡ଼ା ମଞ୍ଚାସୀନ ରହିଥିଲେ। ଏହି ଉତ୍ସବରେ ମାନସ କୁମାର ପଣ୍ଡା ଏବଂ ଦେବିପ୍ରଭା ହାତୀ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଅଧ୍ୟାପିକା ଅନିନ୍ଦିତା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଂସ୍କୃତିକ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଏହି ବାର୍ଷିକ ଉତ୍ସବରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀ ସହଯୋଗ କରିଥିଲେ। ଅଧ୍ୟାପିକା ସ୍ୱପ୍ନରାଣୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



# କଟକଣା ସତ୍ତ୍ୱେ ଚାଲୁଛି ଇଟାଭାଟି; ଟ୍ରକ୍ ସହ ଇଟା ଜବତ

ସୋର, ୩୦।୧(ସମିସ)



ସୋରରେ ଥିବା ତିନୋଟି ଚିମିନି ଇଟାଭାଟିରେ ୧୬୩ ଧାରା ଲାଗୁ ହୋଇଥିବା ବେଳେ ଇଟାଭାଟିରେ କାର୍ଯ୍ୟ ଚାଲୁଥିବାରୁ ସୋର ତହସିଲ ପକ୍ଷରୁ ଚଢ଼ଉ କରାଯାଇ ଗୋଟିଏ ଟ୍ରକ୍ ସହିତ ଇଟା ଜବତ କରାଯାଇଛି। ବାଲେଶ୍ୱର ଜିଲ୍ଲାକୁ ପ୍ରଦୂଷଣ ପ୍ରବଣ ଜିଲ୍ଲା ଭାବେ ଘୋଷଣା କରାଯିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଇଟାଭାଟିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏ ନେଇ ଗତ ୨୧ ତାରିଖରେ ତିନୋଟି ଇଟା ଭାଟିରେ ୧୬୩ ଧାରା ଲାଗୁ କରାଯାଇଥିଲା। ମାତ୍ର ଗଙ୍ଗା ଇଟା ଭାଟିର ମାଲିକ ଏହି ନିୟମକୁ ଖାତିର ନକରି ଇଟା ବିକ୍ରି କରୁଥିଲେ। ଏ ବାବଦରେ ଖବର ପାଇ ଆଜି ମଧ୍ୟାହ୍ନରେ ସୋର ତହସିଲଦାର ଦୈତାରୀ ମଲ୍ଲିକ ଅଚାନକ ଗଙ୍ଗା ଇଟା ଭାଟିରେ ଚଢ଼ଉ କରିଥିଲେ। ଏହି ସମୟରେ ଗୋଟିଏ ଇଟା ବୋଝେଇ ଟ୍ରକ୍ ଏବଂ ଇଟା ପ୍ରସ୍ତୁତି ସାମଗ୍ରୀକୁ ଜବତ କରିବା ସହିତ ଗାଡ଼ିକୁ ଖଣି ବିଭାଗକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଏ ନେଇ ଅଧିକ ତଦନ୍ତ ଚାଲିଥିବା ଜଣାପଡ଼ିଛି।

ଶିମିଳିପାଳରେ ବନାଗ୍ନି ନିୟନ୍ତ୍ରଣ ଯୋଜନା

# ନିର୍ମାଣ କରାଯିବ ୭ ୭୦୦ କିଲୋମିଟର ଫାୟାର ଲାଇନ୍

ବାରିପଦା, ୩୦।୧(ସମିସ): ଦୀର୍ଘଦିନ ଧରି ବର୍ଷା ହୋଇ ନ ଥିବାରୁ ବାରିପଦା ସହର ତଥା ସଂଲଗ୍ନ ଅଞ୍ଚଳରେ ବାୟୁ ପ୍ରଦୂଷଣ ଚଳିତବର୍ଷ ଚିନ୍ତା ବଢ଼ାଇଥିବାବେଳେ ଏଥର ବନାଗ୍ନି ଭୟ ଅଧିକ ହୋଇଛି। ପତ୍ରଝଡ଼ା ସମୟରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ସମେତ ସମଗ୍ର ବାରିପଦା ସର୍କଲରେ ଶୁଖିଲା ପତ୍ର ପାହାଡ ପରି ଗଦା ହୋଇଛି। ଦିନକୁ ଦିନ ସର୍ବୋଚ୍ଚ ତାପମାତ୍ରା ମଧ୍ୟ ବୃଦ୍ଧି

**■ ୭୦ଟି ଫାୟାର ସ୍କ୍ୱାଡ୍ ଗଠିତ: ୫୬୫ ଜଣ କର୍ମଚାରୀ ନିୟୋଜିତ**
**■ ବ୍ୟବହାର ହେବ ୬୫ ଯାନ ଓ ୧, ୦୦୦ଟି ଫାୟାର ବ୍ଲୋୟର୍ ମେସିନ୍**

ପାଉଛି। ଏଠାରେ ଅଗ୍ନି ଋତୁ ସାଧାରଣତଃ ଫେବୃଆରୀ ୧୫ରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ବିବେଚନା କରାଯାଏ। ବର୍ତ୍ତମାନ ଶୀତଋତୁ ପରେ ଗ୍ରୀଷ୍ମଋତୁ ଆସିବା ପୂର୍ବରୁ ପତ୍ରଝଡା ପାଇଁ ବନ ବିଭାଗ ସତର୍କ ରହିଛି। ଏପରି ସ୍ଥଳେ ଆଗକୁ ଦୃଷ୍ଟିରେ ରଖି ବାରିପଦା ସର୍କଲ୍ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ କାର୍ଯ୍ୟାଳୟ ପକ୍ଷରୁ ଏକ ବିଶାଳ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଛି। ଶିମିଳିପାଳ ଅଭୟାରଣ୍ୟ



ସମେତ ୭ଟି ବନ ଉପଖଣ୍ଡରେ ମୋଟ ୭, ୭୦୦ କିଲୋମିଟରରୁ ଅଧିକ ଫାୟାର ଲାଇନ୍ (ଅଗ୍ନି ରୋଧ ରେଖା) ନିର୍ମାଣ କରାଯିବ।

ଏହି ଯୋଜନା ଅଧୀନରେ ବନ ନିଆଁକୁ ରୋକିବା ଓ ନିୟନ୍ତ୍ରଣ କରିବା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ଓ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗେନାନୀଙ୍କ କହିବାନୁଯାୟୀ, ବାରିପଦା, କରଞ୍ଜିଆ, ରାଇରଙ୍ଗପୁର, ବାଲେଶ୍ୱର, କେନ୍ଦୁଝର, ଶିମିଳିପାଳ ଉତ୍ତର ଓ ଦକ୍ଷିଣ ବନ୍ୟଜନ୍ତୁ ବନଖଣ୍ଡରେ ଏହି ଫାୟାର ଲାଇନ୍ ନିର୍ମାଣ କାର୍ଯ୍ୟ ଚାଲିବ। ଶିମିଳିପାଳ ଉତ୍ତର ବନଖଣ୍ଡର ୨, ୫୦୦ କିଲୋମିଟର ଓ ଦକ୍ଷିଣରେ ୩, ୯୦୦ କିଲୋମିଟର ଫାୟାର ଲାଇନ୍ ପ୍ରସ୍ତୁତ କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ୭୦ଟି ଫାୟାର ସ୍କ୍ୱାଡ୍ ଗଠନ କରାଯାଇଛି। ଯେଉଁଥିରେ ୫୬୫ ଜଣ କର୍ମଚାରୀ ନିୟୋଜିତ ହେବେ। ତତସହିତ ବନ କଲ୍ୟାଣ ସମିତି ଓ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟ ସାମିଲ ହେବେ। ସେମାନଙ୍କ ପାଇଁ ଅତି କମରେ ୬୫ଟି ଯାନ ଓ ପ୍ରାୟ ୧, ୦୦୦ଟି ଫାୟାର ବ୍ଲୋୟର୍ ମେସିନ୍ ଓ ଏଆଇ କ୍ୟାମେରା ବ୍ୟବହାର କରାଯିବ। ଏହାବ୍ୟତୀତ ବିଭିନ୍ନ ବିଭାଗକୁ ନିର୍ଦ୍ଦିଷ୍ଟ ସଂଖ୍ୟକ ଫାୟାର ବ୍ଲୋୟର୍ ବଣ୍ଟନ କରାଯାଇଛି। ଯେପରିକି ରାଇରଙ୍ଗପୁରକୁ ୭୦ଟି, ବାଲେଶ୍ୱରକୁ ୬୮ଟି, କରଞ୍ଜିଆକୁ ୧୦୬ଟି, କେନ୍ଦୁଝରକୁ ୧୩୪ଟି, ଶିମିଳିପାଳ ଉତ୍ତରକୁ ୨୧୪ଟି ଓ ଦକ୍ଷିଣକୁ ୨୪୨ଟି। ଶ୍ରୀ ଗୋଗିନାନୀ କହିଛନ୍ତି, ଏହି ନୂତନ ଆକ୍ସନ୍ ପ୍ଲାନ୍ ଅଧୀନରେ ବନ ନିଆଁକୁ ପ୍ରତିରୋଧ ଓ ନିୟନ୍ତ୍ରଣ କରିବା ପାଇଁ ମାନବ ସମ୍ବଳ, ଯାନବାହାନ ଓ ଉପକରଣର ବ୍ୟବହାର ବୃଦ୍ଧି କରାଯାଇଛି। ଏହା ଶିମିଳିପାଳ ବାଘ ଅଭୟାରଣ୍ୟ ସମେତ ସମଗ୍ର ବନ୍ୟଜନ୍ତୁ ଅଞ୍ଚଳର ସୁରକ୍ଷାକୁ ମଜବୁତ କରିବ। ଏହି ଉଦ୍ୟମ ଓଡ଼ିଶାର ବନ ସମ୍ପଦକୁ ରକ୍ଷା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ଆଶା କରାଯାଉଛି। ବନ୍ୟଜନ୍ତୁ ଓ ବନପ୍ରେମୀଙ୍କ ପାଇଁ ଏହା ଏକ ସକାରାତ୍ମକ ପଦକ୍ଷେପ ଭାବେ ଦେଖାଯାଉଛି।



## ସାଇବର ସଚେତନତା କାର୍ଯ୍ୟକ୍ରମ



ରାଇରଙ୍ଗପୁର, ୩୦।୧(ସମିସ): ବହଳଦା ପୁଲିସ ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିନକୁ ଦିନ ବୃଦ୍ଧି ପାଉଥିବା ସାଇବର ଅପରାଧକୁ ରୋକିବା ଲକ୍ଷ୍ୟରେ ସାଇବର ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବହଳଦା ଥାନା ପରିସରରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଥାନା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ସାଇବର ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଉକ୍ତ ଅଦୃଶ୍ୟ ଠକଙ୍କ ପ୍ରାଦୁର୍ଭାବରେ ଲଗାମ ଲଗାଇ ଜନସାଧାରଣଙ୍କୁ ସାଇବର ଠକେଇରୁ ସୁରକ୍ଷା ଦେବାକୁ ସାଇବର ସୁରକ୍ଷା ସମ୍ପର୍କିତ ବାର୍ତ୍ତା ପ୍ରଦାନ କରିଥିଲେ। ସଚେତନତା କାର୍ଯ୍ୟକ୍ରମରେ ପ୍ରାୟ ୩୦୦ ଲୋକେ ଯୋଗଦାନ କରିଥିଲେ। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ ସଂଗଠନ ସାମିଲ ହୋଇଥିଲେ।

## ବ୍ଲକ୍‌ସ୍ତରୀୟ ଉପଭୋକ୍ତା ସଚେତନତା କର୍ମଶାଳା



କୁଳିଅଣା, ୩୦।୧(ସମିସ): ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜିଲ୍ଲା ଉପନିୟନ୍ତ୍ରକ ବୈଧ ମାପ ବିଜ୍ଞାନ, ମୟୂରଭଞ୍ଜ ବାରିପଦା ଓ ସଂକଳ୍ପ କୁଳିଅଣା ଆନୁକୂଲ୍ୟରେ ଚାନ୍ଦୁଆସ୍ଥ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଖାଉଟି ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଂକଳ୍ପର ସମ୍ପାଦକ ପ୍ରଦୀପ କୁମାର ଦାସମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲ୍ଲା ଖାଉଟି ବିବାଦ ପ୍ରତିକାର ମଞ୍ଚ ସଭାପତି ନରେନ୍ଦ୍ର କୁମାର ପ୍ରଧାନ ଯୋଗଦେଇ କର୍ମଶାଳାକୁ ଉଦଘାଟନ କରିଥିଲେ। ଉପନିୟନ୍ତ୍ରକ ବୈଧ ମାପ ବିଜ୍ଞାନ ଅଧିକାରୀ ସୁଷମା ପଣ୍ଡା କର୍ମଶାଳା ସମ୍ପର୍କରେ ସୂଚନା ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ପତି ମଞ୍ଚ ପରିଚାଳନା କରିଥିଲେ। କୁଳିଅଣା ବ୍ଲକ ମାର୍କେଟିଂ ଇନ୍ସପେକ୍ଟର ଉତ୍କଳିକା ନାଏକ, ଉଦଳାର ବୈଧ ମାପ ନିରୀକ୍ଷକ ପ୍ରମୋଦ ନାୟକ ପ୍ରମୁଖ ଉପସ୍ଥିତ ରହି ଖାଉଟି ସୁରକ୍ଷା, ସଚେତନତା ଓ ଭୂମିକା ସମ୍ପର୍କରେ ବାର୍ତ୍ତା ପ୍ରଦାନ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସାବିତ୍ରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସଂକଳ୍ପର ପୁଷ୍ପଲତା ନାଏକ, ମଞ୍ଜରୀ ନାଏକ କର୍ମଶାଳା ଆୟୋଜନରେ ସହଯୋଗ କରିଥିଲେ।

## ବେତନଟୀ-ବଡ଼ସାହି ବ୍ଲକ ଠିକାଦାର ସଂଘର ବୈଠକ

ବେତନଟୀ, ୩୦।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଠିକାଦାର ସଂଘ ନିର୍ଦ୍ଦେଶକ୍ରମେ ବରିଷ୍ଠ ଠିକାଦାର ସନ୍ତୋଷ କୁମାର ଜେନାଙ୍କ ଅଧ୍ୟକ୍ଷତା ବେତନଟୀ ଡାକ ବଙ୍ଗଳାରେ ବେତନଟୀ ଓ ବଡ଼ସାହି ବ୍ଲକର ସରକାରୀ ଠିକାଦାର ସଂଘର ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ବହୁ ସଂଖ୍ୟକ ଠିକାଦାର ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ସର୍ବସମ୍ମତି କ୍ରମେ କୌଣସି କାର୍ଯ୍ୟ ଟେଣ୍ଡର ମୂଲ୍ୟଠାରୁ ୦.୦୧ ପ୍ରତିଶତ କମ୍ ମୂଲ୍ୟରେ ପକାଇବେ। ଏଥିରେ କୌଣସି ଠିକାଦାର ବ୍ୟତିକ୍ରମ କଲେ ସମସ୍ତ ଠିକାଦାର ଏହାକୁ ସମୂହ ଭାବରେ ବିରୋଧ କରିବେ। ଜିଲ୍ଲା ବାହାର ଠିକାଦାରଙ୍କୁ ଟେଣ୍ଡର ପ୍ରକ୍ରିୟା ପାଇଁ ବାରଣ କରିବାର ନିଷ୍ପତ୍ତି ନିଆଗଲା। ଜିଲ୍ଲା ଠିକାଦାର ସଂଘ ନିର୍ଦ୍ଦେଶ ଓ ନିୟମ ଅନୁଯାୟୀ ବେତନଟୀ ବଡ଼ସାହି ବ୍ଲକ ସଙ୍ଘ ମଧ୍ୟ ସହମତି ପ୍ରକାଶ କରିଛି। ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିକୁ ଜିଲ୍ଲା ସଙ୍ଘ ତଥା ସଂଘ ପଦାଧିକାରୀଙ୍କୁ ଅବଗତ କରାଗଲା। ଆଗମୀ ଦିନରେ ସଙ୍ଘ ବୈଠକ ନିଷ୍ପତ୍ତିକୁ ବିରୋଧ କରି କାର୍ଯ୍ୟ କଲେ ସଂଘ ଉକ୍ତ ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଉଭୟ ବ୍ଲକର ଠିକାଦାର ଯୋଗଦେଇଥିଲେ।

## ପ୍ରଫୁଲଚନ୍ଦ୍ରପୁର ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ

ଗୋପବନ୍ଧୁନଗର, ୩୦।୧(ସମିସ): ଉଦଳା ବ୍ଲକ ଅଧୀନସ୍ଥ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ପରିଚାଳିତ ପ୍ରଫୁଲ୍ଲଚନ୍ଦ୍ରପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ କପ୍ତିପଦା ଉପଖଣ୍ଡର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଲିପିପୁଷ୍ପା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ବିଶିଷ୍ଟ ସମ୍ମାନିତ ଅତିଥି କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳ ସୁଶାନ୍ତ ବାରିକ, ସ୍ୱତନ୍ତ୍ର ଅତିଥି ରୂପେ କପ୍ତିପଦା ଉପଖଣ୍ଡର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ, ମୁଖ୍ୟବକ୍ତା ରୂପେ ଉଦଳା ଅଧ୍ୟକ୍ଷା ଶ୍ରୀମତୀ ପ୍ରମିଳା ପଣ୍ଡା ଯୋଗ ଦେଇଥିଲେ। ଉଦଳା ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମନୋଜ ଶତପଥୀ, କୋଚିଲାଡ଼ିହା ସରପଞ୍ଚ ଶ୍ରୀମତୀ ସାରମଣୀ ହେମ୍ବ୍ରମ ଓ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଭଗୀରଥ ମଲିକ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ବସନ୍ତ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ପଙ୍କଜିନୀ ଜେନା ଅତିଥି ପରିଚୟ, ସହକାରୀ ଶିକ୍ଷକ ପରମାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ହେମେନ୍ଦ୍ର ନାଏକ, ସୌମ୍ୟରଞ୍ଜନ ମହାନ୍ତି, ଶିକ୍ଷୟିତ୍ରୀ ଜ୍ୟୋତିରେଖା ବାରିକ ଓ ସୁଶୀଳା ନାୟକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନାବାଳିକା ଉଦ୍ଧାର

କୁଆମରା, ୩୦।୧(ସମିସ): ଦୁଇଦିନ ପୂର୍ବେ ଖୁଣ୍ଟା ଥାନା ଅଞ୍ଚଳର +୨ କଲେଜର ଅଧ୍ୟୟନରତ ଜଣେ ୧୬ ବର୍ଷିୟା ନାବାଳିକାକୁ ଅପହରଣ କରାଯାଇଥିବା ନେଇ ପୀଡ଼ିତାଙ୍କ ମାଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ ହୋଇଥିବାବେଳେ ଆଜି ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତ ଜଣକ ମଧ୍ୟ ନାବାଳକ।

## ସେଣ୍ଟ ଜାଭିୟର ହାଇସ୍କୁଲ ପକ୍ଷରୁ ଗ୍ରାହକ ସଚେତନତା




ବାରିପଦା, ୩୦।୧(ସମିସ): ବାରିପଦା ସହରର ପାଲବଣୀସ୍ଥ ସେଣ୍ଟ ଜାଭିୟର ହାଇସ୍କୁଲ ପକ୍ଷରୁ ସାଧାରଣ ଜନତାଙ୍କ ମଧ୍ୟରେ ଗ୍ରାହକ ଅଧିକାର ଓ ସଚେତନତା ସୃଷ୍ଟି କରିବା ପାଇଁ ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ସଚେତନତା ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାହକଙ୍କୁ ସେମାନଙ୍କର ଅଧିକାର, କର୍ତ୍ତବ୍ୟ ଓ ସାଧୁତାପୂର୍ଣ୍ଣ ବ୍ୟବସାୟିକ କାରବାର ବିଷୟରେ ଅବଗତ କରାଇବା। ଏଥିସହିତ ବଜାରରେ ହେଉଥିବା ଅସାଧୁ ବ୍ୟବସାୟିକ କାର୍ଯ୍ୟକଳାପରୁ ଗ୍ରାହକ କିଭଳି ନିଜକୁ ଓ ନିଜ ପରିବାରକୁ ସୁରକ୍ଷିତ ରଖିପାରିବେ, ସେ ସମ୍ପର୍କରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସାଧାରଣ ଜନତାଙ୍କୁ ସଚେତନ କରାଇଛନ୍ତି। ବିଦ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ପାଇଁ ରିଲାଏନ୍ସ ମାର୍ଟ, ବାରିପଦା ବଜାର ଓ ଭି-ମାର୍ଟ କର୍ତ୍ତୃପକ୍ଷଙ୍କୁ ଅନୁମତି ମଗାଯାଇ ଶୃଙ୍ଖଳିତ ଭାବେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ସାମାଜିକ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଖାଉଟି ବିଶେଷ ଭାବେ ଉପକୃତ ହୋଇପାରିବେ ବୋଲି ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅନୁପ୍ରିୟା ରଣା ପ୍ରକାଶ କରିଛନ୍ତି।

## ବାରିପଦା ଶିକ୍ଷଣ ମଣ୍ଡଳର ପ୍ରଥମ ବୈଠକ



ବାରିପଦା, ୩୦।୧(ସମିସ): ସ୍ଥାନୀୟ ମୁର୍ଗାବାଡିସ୍ଥ ବିଜ୍ଞାନ ଭବନ ପରିସରରେ ବାରିପଦା ଶିକ୍ଷଣ ମଣ୍ଡଳର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆବାହକ ଡକ୍ଟର ସରୋଜ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଭାରତୀୟ ଶିକ୍ଷଣ ମଣ୍ଡଳର ପୂର୍ବ ଓଡ଼ିଶା ସଚିବ ବିଶ୍ୱରଞ୍ଜନ ଘୋଷ ଯୋଗଦେଇ ମଣ୍ଡଳର ଗଠନ, ସଦସ୍ୟତା, ଲକ୍ଷ୍ୟ ଆଦର୍ଶ ଓ କାର୍ଯ୍ୟକାରିତା ଉପରେ ସବିଶେଷ ଆଲୋକପାତ କରିଥିଲେ। ଏଥିରେ ସୁଦର୍ଶନ ପଣ୍ଡା, ନଳିନୀ ଚୌଧୁରୀ, ସୁଧାଂଶୁ ଶେଖର ସେଠୀ, ଅଶୋକ କୁମାର ପୁଷ୍ଟି, ଜିତେନ୍ଦ୍ର ପାଲ, ନିହାରରଞ୍ଜନ ମହାନ୍ତ ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ପଙ୍କଜ କୁମାର ମହାନ୍ତ ସ୍ୱାଗତ ଭାଷଣ ଦେଇଥିବାବେଳେ ହୃଦାନନ୍ଦ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାର ପ୍ରତ୍ୟେକ ବିଭବରେ ଭାରତୀୟତାକୁ ପ୍ରାଧାନ୍ୟ ପ୍ରଦାନର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ଭାରତୀୟ ଶିକ୍ଷଣ ମଣ୍ଡଳର ଆଦର୍ଶକୁ ପାଥେୟ କରି ଏହି ମଣ୍ଡଳ କାର୍ଯ୍ୟ କରିବ ବୋଲି ଆବାହକ ଡକ୍ଟର ସରୋଜ ନାୟକ ବକ୍ତବ୍ୟ ଉପସ୍ଥାପନ କରିଛନ୍ତି। ପ୍ରତ୍ୟେକ ମଙ୍ଗଳବାର ସନ୍ଧ୍ୟା ୭ଟାରେ ବିଜ୍ଞାନ ଭବନରେ ଏହାର ବୈଠକ ବସିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ସିନ୍ଦୁରଗୌରା ଯୁବକ ସଂଘ ପକ୍ଷରୁ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

କୁଆମରା, ୩୦।୧(ସମିସ): ଗୋପବନ୍ଧୁନଗର ବ୍ଲକ ଶୀଳଘାଟି ପଞ୍ଚାୟତ ଗୁଡ଼ଡିହା ସିନ୍ଦୁରଗୌରା ଯୁବକ ସଂଘ ପକ୍ଷରୁ ପୃଥକ ଭାବେ ଦୁଇଦିନ ଧରି ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ମା' ତୁଳସୀ ମୁର୍ମୁ ମେମୋରିଆଲ ପକ୍ଷରୁ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ରୟାଲ ଫଟି ଝାଞ୍ଜରାପାଳ ଦଳକୁ ହରାଇ ଭେଟେରାନ୍ ପୁରୁଣା ବାରିପଦା ଦଳ ଚାମ୍ପିଅନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ସମିତି ସଭ୍ୟ ଅଭିମନ୍ୟୁ ପାତ୍ର, ୱାର୍ଡ ସଭ୍ୟ କୁଅଁର ମୁର୍ମୁ, ଅବସରପ୍ରାପ୍ତ ଶିକ୍ଷକ ଚନ୍ଦନେଶ୍ୱର ମୁର୍ମୁ, ଘନଶ୍ୟାମ ମୁର୍ମୁ, ଲମ୍ବୋଦର ମୁର୍ମୁ ପ୍ରମୁଖ ଯୋଗଦେଇ ଚାମ୍ପିଅନ ଦଳକୁ ୧୦ ହଜାର ଓ ରନର୍ସଅପ୍ ଦଳକୁ ୭ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଦ୍ୱିତୀୟ ଦିବସରେ ଯୁବକ ସଂଘ ଆନୁକୂଲ୍ୟରେ ୮ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ଖେଳରେ ଏସ୍‌ଜିୱାଇଏସ୍ ଗୁଡଡିହା ଦଳକୁ ହରାଇ ଅଁରାଶୁଳି ଏଫ୍‌ସି ଚାମ୍ପିଅନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ସରପଞ୍ଚ ଖେଲା ହେମ୍ବ୍ରମ, ସମିତି ସଭ୍ୟ ଅଭିମନ୍ୟୁ ପାତ୍ର ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସଂଘ ସଭାପତି ସାଗରାମ ଟୁଡୁ, ସମ୍ପାଦକ ରତ୍ନାକର ମୁର୍ମୁଙ୍କ ସମେତ ସମସ୍ତ ସଦସ୍ୟ ଖେଳ ପରିଚାଳନା କରିଥିଲେ।

## ସମାଜସେବୀଙ୍କ ପରଲୋକ

ବଡ଼ସାହି, ୩୦।୧(ସମିସ): ବଡ଼ସାହି ବ୍ଲକ ଅନ୍ତର୍ଗତ କେନ୍ଦୁଡ଼ିହା ପଞ୍ଚାୟତର ଚକ୍ରଧରପୁର ଗ୍ରାମର ସମାଜସେବୀ ସର୍ବେଶ୍ୱର ସାମନ୍ତରାୟ(୮୧)ଙ୍କ



ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣ, ଆଧ୍ୟାତ୍ମିକ ଚିନ୍ତାଧାରାର ବ୍ୟକ୍ତି ଥିଲେ। ବୟସାଧିକ କାରଣରୁ ସେ ଏକବର୍ଷ ପାଖାପାଖି ହେବ ବିଭିନ୍ନ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବାହୂ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗାଁ ଓ ଆଖପାଖ ଅଞ୍ଚଳର ରାଜନେତା ଓ ଜନସାଧାରଣ ତାଙ୍କ ଘରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

## ଚରଣ ଦାସ ମୁନିଙ୍କ ଶ୍ରାଦ୍ଧବାର୍ଷିକୀ

କୁଆମରା, ୩୦।୧(ସମିସ): ଗୋପବନ୍ଧୁନଗର ବ୍ଲକ ଆରପଟା ପଞ୍ଚାୟତସ୍ଥ ଖିରିପଦା ହରିବଳଦେବଜୀଉ ମନ୍ଦିରରେ ଚରଣ ଦାସ ମୁନିଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ପୂର୍ବ ପରମ୍ପରା ଅନୁସାରେ ମାଘ ମାସ ଗୁରୁବାରରେ ଏହି ଶ୍ରାଦ୍ଧ ପାଳିତ ହୋଇଥାଏ। ଶହ ଶହ ବର୍ଷ ଧରି ଗ୍ରାମବାସୀଙ୍କ ଦ୍ୱାରା ଏହି ପୁଣ୍ୟତିଥିକୁ ପାଳନ କରାଯାଇଆସୁଛି। ଏ ଅବସରରେ ମନ୍ଦିର ପରିସରରେ ଥିବା ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ମନ୍ଦିର ବେଢ଼ାରୁ ବାହାରି ନଗର ଭ୍ରମଣ କରିବା ପରେ ଠାକୁର ଓ ମୁନୀଙ୍କ ସମାଧି ପୀଠରେ ଅନ୍ନ ଭୋଗ ସମର୍ପଣ କରାଯାଇଥାଏ। ବିଭିନ୍ନ ପ୍ରାନ୍ତରରୁ ମୁନୀ, ବ୍ରାହ୍ମଣ ଓ ପଣ୍ଡିତ ଯୋଗ ଦେଇଥା'ନ୍ତି। ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ଗ୍ରାମର ସମସ୍ତ ରିତିନୀତି ପାଳନ ହୋଇଥାଏ। ମନ୍ଦିର ପୂଜକ ପ୍ରମୋଦ କୁମାର ମିଶ୍ରଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିବାବେଳେ ଗ୍ରାମବାସୀ ସହଯୋଗ କରିଥା'ନ୍ତି।

## ବୃତ୍ତି ପରୀକ୍ଷାରେ ଶୋଭନୀୟ ଶିକ୍ଷାଶ୍ରମର ୩ ଛାତ୍ରୀଙ୍କ ସଫଳତା





କରଞ୍ଜିଆ, ୩୦।୧(ସମିସ): କରଞ୍ଜିଆ ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶୋଭନୀୟର ଶିକ୍ଷାଶ୍ରମର ତିନି ଜଣ ଛାତ୍ରୀ ଚଳିତ ୨୦୨୪-୨୫ ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଲିଜା ହେମ୍ବ୍ରମ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଝୁମିରାଣୀ ମହାନ୍ତ, ପୃତୀମୟୀ ମହାନ୍ତ ସଫଳ ହୋଇଛନ୍ତି। ଲିଜା ବିପିଏଲ ବର୍ଗରେ ତୃତୀୟ, ଝୁମିରାଣୀ ଦ୍ୱିତୀୟ ଓ ପୃତୀମୟୀ ଚତୁର୍ଥ ସ୍ଥାନ ପାଇଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଗୁରୁମା କଳ୍ପନା ସେଠ, ଅନ୍ୟାନ୍ୟ ଗୁରୁମା ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି।

## ଶିକ୍ଷାବିତ ଉପେନ୍ଦ୍ର ବେହେରାଙ୍କ ପରଲୋକ



ବୈଶିଙ୍ଗା, ୩୦।୧(ସମିସ): ଗଡ଼ଦେଉଳିଆ ପଞ୍ଚାୟତ ଅଧୀନ ବାଲକା ଗ୍ରାମର ଶିକ୍ଷାବିତ ଉପେନ୍ଦ୍ର ବେହେରାଙ୍କ ୯୬ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ୩୩ ବର୍ଷ ପୂର୍ବେ ବାଲକା ଭଳି ଗ୍ରାମାଞ୍ଚଳ ଓ ଆଖପାଖ ଅଞ୍ଚଳର ପିଲାଙ୍କ ହାଇସ୍କୁଲ ଶିକ୍ଷା ପାଇଁ ବାଲକାଠାରେ ନିଜସ୍ୱ ଉଦ୍ୟମରେ ଅଞ୍ଚଳବାସୀଙ୍କୁ ନେଇ ପ୍ରତିଷ୍ଠା କରିଥିଲେ ବାଲକା ହାଇସ୍କୁଲ। ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ସର୍ବାଙ୍ଗୀନ ଉନ୍ନତିକଳ୍ପେ ନଜିର ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିଥିବା ଉପେନ୍ଦ୍ର ବେହେରା ବାଲକା ହାଇସ୍କୁଲର ସମ୍ପାଦକ ଭାବେ ଦୀର୍ଘବର୍ଷ ଧରି ଦାୟିତ୍ୱ ତୁଲାଇଥିଲେ। ବାର୍ଦ୍ଧକ୍ୟଜନିତ କାରଣରୁ ଶଯ୍ୟାଶାୟୀ ହୋଇପଡ଼ିଥିବା ଉପେନ୍ଦ୍ର ବେହେରାଙ୍କ ନାତି ସ୍ୱାଧୀନ ବେହେରାଙ୍କ ମାତ୍ର ୮ ଦିନ ପୂର୍ବରୁ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ନାତିକୁ ଝୁରିଝୁରି ଉପେନ୍ଦ୍ର ବେହେରାଙ୍କ ପରଲୋକ ଘଟିଛି। ଉପେନ୍ଦ୍ର ବେହେରାଙ୍କ ପାର୍ଥିବ ଶରୀରକୁ ସ୍କୁଲ ପ୍ରାଙ୍ଗଣକୁ ଅଣାଯାଇଥିଲା। ସେଠାରେ ସ୍କୁଲ ପକ୍ଷରୁ ଶେଷ ସମ୍ମାନ ପ୍ରଦାନ କରାଯାଇଥିଲା। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ପୁଅ ମହେଶ୍ୱର ବେହେରା ମୁଖାଗ୍ନି ଦେଇଥିଲେ।

ଜିଲ୍ଲାସ୍ତରୀୟ ସହିଦ ଦିବସ

# ସ୍ୱାଧୀନତା ପାଇଁ ପ୍ରାଣବଳି ଦେଇଥିବା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

ବାରିପଦା, ୩୦।୧(ସମିସ): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସହିଦ ଦିବସ ପାଳିତ ହୋଇଯାଇଛି। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ ଓ ଭାରତର ସ୍ୱାଧୀନତା ପାଇଁ ପ୍ରାଣବଳି ଦେଇଥିବା ମହାମନିଷୀଙ୍କ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପରିପ୍ରେକ୍ଷୀରେ ପ୍ରତି ବର୍ଷ ଜାନୁଆରୀ ୩୦ ତାରିଖକୁ ସହିଦ ଦିବସ ଭାବେ ପାଳନ କରାଯାଏ। ଏ ଅବସରରେ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ାଙ୍କ ଅଧ୍ୟକ୍ଷତାରେ ନିରବ ପ୍ରାର୍ଥନା ସଭା ଆୟୋଜିତ ହୋଇଥିଲା। ଦେଶ ପାଇଁ ପ୍ରାଣବଳି ଦେଇ ସହିଦ ହୋଇଥିବା ମହାପୁରୁଷଙ୍କ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ତହସିଲଦାର ସପନ କୁମାର ସାହୁଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ଉପବିଭାଗର




ଡେପୁଟି କଲେକ୍ଟର, ସହକାରୀ ଜିଲ୍ଲାପାଳ, ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇ ନିରବ ପ୍ରାର୍ଥନାରେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ। କନିଷ୍ଠ ରାଜସ୍ୱ ସହକାରୀ ଲଳିତ ରଞ୍ଜନ ନାଏକ ଓ କର୍ମଚାରୀ ଲିଜତ ପ୍ରଧାନ ସହଯୋଗ କରିଥିଲେ।

## ଏମ୍‌ପିସି ସ୍ୱୟଂଶାସିତ କଲେଜରେ କ୍ୟାରିୟର କାଉନସେଲିଂ

ବାରିପଦା, ୩୦।୧(ସମିସ): ସ୍ଥାନୀୟ ଏମ୍‌ପିସି ସ୍ୱୟଂଶାସିତ କଲେଜରେ ଅଧ୍ୟକ୍ଷ ନାରାୟଣ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ ଭାବା ପରମାଣୁ ଗବେଷଣା କେନ୍ଦ୍ର ତାଲିମ ବିଦ୍ୟାଳୟ ମାଧ୍ୟମରେ ପରମାଣୁ ଶକ୍ତି ବିଭାଗରେ କ୍ୟାରିୟର ସୁଯୋଗ ବିଷୟ ସମ୍ପର୍କରେ ଏକ କ୍ୟାରିୟର କାଉନସେଲିଂ ପ୍ରୋଗ୍ରାମ ଅୟୋଜିତ ହୋଇଯାଇଛି। ବିଷୟ ବିଶାରଦ ଭାବେ ପରମାଣୁ ଶକ୍ତି ବିଭାଗ କୋଲକାତା ଅଧୀନରେ ଥିବା (ଭିଇସିସି)ର ପରମାଣୁ ବୈଜ୍ଞାନିକ ଡ. ଯଯାତି କେଶରୀ ନାୟକ ଓ ଡ. ଅରିନ୍ଦମ ଶିକାର ଯୋଗ ଦେଇଥିଲେ। ଅଧ୍ୟକ୍ଷ ଶ୍ରୀ ବେହେରା କହିଥିଲେ, ଛାତ୍ର ଜୀବନରେ ନିଜକୁ ଶୃଙ୍ଖଳିତ କଲେ ଶୈକ୍ଷିକ ଜୀବନ ବିକାଶ ଅବସମ୍ଭାବୀ। ବିଜ୍ଞାନର ଛାତ୍ର ସର୍ବଦା ଯୁକ୍ତି ସିଦ୍ଧ ହେବା ସହ କ୍ୟାରିୟର ପ୍ରତି ଯଥେଷ୍ଟ ସଜାଗ ରହିବା ଆବଶ୍ୟକ। ଡ. ନାୟକ ନିଜ ବକ୍ତବ୍ୟରେ ପଦାର୍ଥ ବିଜ୍ଞାନ ସହ ପରମାଣୁ ଶକ୍ତି ବିଭାଗରେ ଛାତ୍ରଛାତ୍ରୀ କିପରି ସୁଯୋଗ ପାଇପାରିବେ ଓ ଏଥିନିମନ୍ତେ ଛାତ୍ରଛାତ୍ରୀ କିପରି ନିଜକୁ ପ୍ରସ୍ତୁତ କରିବେ, ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଡ. ଶିକାର ନିଜ ସଫଳତା ଯାତ୍ରାର ସଂଘର୍ଷ ଓ ପ୍ରସ୍ତୁତିକୁ ବଖାଣିବା ସହ କହିଥିଲେ ଯେ, ଭାବା ପରମାଣୁ ଗବେଷଣା କେନ୍ଦ୍ର ତାଲିମ ବିଦ୍ୟାଳୟ କିପରି ଛାତ୍ରଛାତ୍ରୀଙ୍କୁ ସୁଯୋଗ ପ୍ରଦାନ କରୁଛି ଓ ନିଯୁକ୍ତିର ସମ୍ଭାବନାକୁ ବଳବତ୍ତର କରୁଛି। ସଂଯୋଜକ ଭାବେ ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଡ. ସରୋଜ କୁମାର ପାତ୍ର ଦାୟିତ୍ୱ ସମ୍ପାଦନ କରିଥିବାବେଳେ




ଆନୁଷ୍ଠାନିକ ଭାବେ ରସାୟନ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ଦେବାଶିଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜ୍ଞାନ ବିଭାଗର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

